1954
অক্টোবর 14 .

# ବିଜୟ ସୂତା କଳ ଲିମିଟେଡ଼
## ବନାମ
## ଆଜମେର୍ ରାଜ୍ୟ

[ ମୁଖ୍ୟ ନ୍ୟାୟାଧୀଶ ମେହେର୍ ଚାନ୍ଦ୍ ମହାଜନ୍ , ମୁଖାର୍ଜୀଆ,
ଭିଭିଆନ୍ ବୋଷ୍, ଜଗନ୍ନାଧଦାସ ଏବଂ
ଭେଙ୍କଟରାମା ଆୟର, ନ୍ୟାୟାଧୀଶବୃନ୍ଦ]

*ଭାରତ ସମ୍ବିଧାନ, ଅନୁଚ୍ଛେଦ 19 (1) (g), 19 (6) - ସର୍ବନିମ୍ନ ମଜୁରୀ ଅଧିନିୟମ (1948 ର XI) ଧାରା 3, 4 ଏବଂ 5 - ଉପଯୁକ୍ତ ସରକାର - ସର୍ବନିମ୍ନ ମଜୁରୀ ହାର ସ୍ଥିର କରିବା - ଅନୁଚ୍ଛେଦ 19 (1) (g) ଅନୁଯାୟୀ ସୁନିଶ୍ଚିତ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରେ କି ।*

ସର୍ବନିମ୍ନ ମଜୁରୀ ଅଧିନିୟମ (1948ର XI)ର ଧାରା 3,4 ଏବଂ 5 ର ବ୍ୟବସ୍ଥା ନିଯୁକ୍ତିଦାତା ଏବଂ ନିଯୁକ୍ତିପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ଏକ ଶିଳ୍ପ ବିବାଦରେ ସର୍ବନିମ୍ନ ମଜୁରୀ ହାର ସ୍ଥିର କରିବାକୁ ଉପଯୁକ୍ତ ସରକାରଙ୍କୁ କ୍ଷମତା ପ୍ରଦାନ କରେ ଏବଂ ଏହି ଅଧିନିୟମ ଅନୁଯାୟୀନିର୍ଦ୍ଧାରିତ ମଜୁରୀ ନ ଦେବା ଏକ ଫୌଜଦାରୀ ଅପରାଧ ।

*ନିର୍ଣ୍ଣୟ ନିଆଗଲା ଯେ,* ସର୍ବନିମ୍ନ ମଜୁରୀ ହାର ନିର୍ଦ୍ଧାରଣ ଦ୍ୱାରା ଚୁକ୍ତିନାମାର ସ୍ୱାଧୀନତା ଉପରେ ଲଗାଯାଇଥିବା ପ୍ରତିବନ୍ଧକଗୁଡ଼ିକ ସମ୍ବିଧାନର ଅନୁଚ୍ଛେଦ 19 (1) (g) ଅନୁଯାୟୀ ସୁନିଶ୍ଚିତ ବାଣିଜ୍ୟ କିମ୍ବା ବ୍ୟବସାୟର ସ୍ୱାଧୀନତାରେ କିଛି ମାତ୍ରାରେ ହସ୍ତକ୍ଷେପ କରେ, ଏହା ଅଯୌକ୍ତିକ ନୁହେଁ ଏବଂ ସାଧାରଣ ଜନତାଙ୍କ ସ୍ୱାର୍ଥରେ ଏବଂ ସମ୍ବିଧାନର ଅନୁଚ୍ଛେଦ 43 ରେ ସନ୍ନିବିଷ୍ଟ ରାଷ୍ଟ୍ରୀୟ ନିର୍ଦ୍ଦେଶାତ୍ମକ ନୀତିଗୁଡ଼ିକ ମଧ୍ୟରୁ ଗୋଟିଏକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଲାଗୁ କରାଯାଉଛି, ଯାହା ଅନୁଚ୍ଛେଦ 19 ର ଖଣ୍ଡ (6) ର ସର୍ତ୍ତାବଳୀ ଦ୍ୱାରା ସୁରକ୍ଷିତ ।

*S.I. Est..ଇତ୍ୟାଦି ବନାମ ମାଡ୍ରାସ୍ ରାଜ୍ୟ, (1954) 1 ଏମ୍. ଏଲ୍. ଜେ.* 518ରେ ଉଲ୍ଲେଖ ରହିଛି ।

ମୂଳ ଅଧିକାରିତା : 1954 ର ଆବେଦନ ସଂଖ୍ୟା 188 ଏବଂ 189 ।

ମୌଳିକ ଅଧିକାର ପ୍ରବର୍ତ୍ତନ ପାଇଁ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ଏହି ଆବେଦନ ।

ଆବେଦନକାରୀଙ୍କ ପାଇଁ *ଏଚ୍. ଏମ୍. ସିରଭାଇ, ଜେ. ବି. ଦାଦାଚାଞ୍ଜି ଏବଂ ରାଜିନ୍ଦର୍ ନାରାୟଣ ।*

ଉତ୍ତରଦାତାଙ୍କ ପାଇଁ *ଭାରତର ସଲିସିଟର ଜେନେରାଲ, ସି. କେ. ଡାଫ୍ଟାରୀ (ତାଙ୍କ ସହିତଏମ୍. ଏମ୍. କୌଲ ଏବଂ ପି. ଜି. ଗୋଖଲେ) ।*

1954 ମସିହା ଅକ୍ଟୋବର ମାସ 14 ତାରିଖରେ ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଯାଇଥିଲା ।

ନ୍ୟାୟାଧୀଶ ମୁଖାର୍ଜୀଆଙ୍କ ଦ୍ୱାରା - ଆମେ ବର୍ତ୍ତମାନ ସମ୍ବିଧାନର ଅନୁଚ୍ଛେଦ 32 ଅନ୍ତର୍ଗତ ଦୁଇଟି ସଂଯୁକ୍ତ  ଆବେଦନର ବିଚାର କରୁଛୁ । ଏହି ଆବେଦନଗୁଡ଼ିକ ମଧ୍ୟରୁ ଗୋଟିଏରେ, ଆବେଦନ ସଂଖ୍ୟା 188 ଅନୁଯାୟୀ, ଶ୍ରୀ ବିଜୟ ସୂତା କଳ ଲିମିଟେଡ଼ (ଏହାପରଠାରୁ 'କମ୍ପାନୀ' ବୋଲି କୁହାଯିବ), 1954 ର ଦେୱାନୀ ଆବେଦନ ସଂଖ୍ୟା 139 ରେ ଅପିଲକାରୀଙ୍କୁ ଆବେଦନକାରୀ ଭାବରେ ଦର୍ଶାଯାଇଛି, ଯେତେବେଳେ ଅନ୍ୟ ଏକ ଆବେଦନ ଯଥା ଆବେଦନ ସଂଖ୍ୟା 189 ଅନୁଯାୟୀ, ଏହା ଅଧୀନରେ କାର୍ଯ୍ୟରତ ଅନେକ କର୍ମଚାରୀଙ୍କ ଦ୍ୱାରା ଦାୟର କରାଯାଇଛି । ଏହି ଉଭୟ ଆବେଦନର ସମର୍ଥନରେ ଉପସ୍ଥିତ ଶ୍ରୀ ସେରଭାଇଙ୍କ ଯୁକ୍ତିକୁ ତର୍ଜମା କରିବା ପାଇଁ, କିଛି ପୂର୍ବ ତଥ୍ୟ ପ୍ରକାଶ କରିବା ଆବଶ୍ୟକ ହେବ :

ଏହା ଜଣାପଡ଼େ ଯେ 1950 ମସିହାର କୌଣସି ଏକ ସମୟରେ କମ୍ପାନୀ ଏବଂ ଏହାର ଶ୍ରମିକମାନଙ୍କ ମଧ୍ୟରେ ମଜୁରୀ ବୃଦ୍ଧିକୁ ନେଇ ଏକ ଶିଳ୍ପ ବିବାଦ ହୋଇଥିଲା ଏବଂ ଏହି ବିବାଦକୁ ଆଜମେର ସରକାର 1 ଡିସେମ୍ବର, 1950ର ଏକ ଅଧିସୂଚନା ଦ୍ୱାରା ଏକ ଶିଳ୍ପ ନ୍ୟାୟାଧିକରଣ କୁ ପଠାଇଥିଲେ । ନ୍ୟାୟାଧିକରଣ  27 ନଭେମ୍ବର, 1951 ରେ  ତାଙ୍କର ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ ଏବଂ ନିର୍ଣ୍ଣୟ ନିଆଗଲା ଯେ "କଳର ବର୍ତ୍ତମାନର ରୋଜଗାର କ୍ଷମତା ଅଧିକ ମଜୁରୀ ହାର ଏବଂ ଅଧିକ ମହଙ୍ଗା ଭତ୍ତା ପ୍ରଦାନକୁ ପ୍ରଚାରିତ କରେ । "ଏହି ଅଧିନିର୍ଣ୍ଣୟ ବିରୋଧରେ କର୍ମଚାରୀମାନେ ଅପିଲ ନ୍ୟାୟାଧିକରଣଙ୍କଠାରେ ଏକ ଆବେଦନ ଦାୟର  କରିଥିଲେ । ଏହି ଆବେଦନ ବିଚାରାଧୀନ ଥିବା ସମୟରେ,ଆଜମେର  ମୁଖ୍ୟ  ଆୟୁକ୍ତ,  ସର୍ବନିମ୍ନ ମଜୁରୀ ଅଧିନିୟମର ବ୍ୟବସ୍ଥା ଅନୁଯାୟୀ, ରାଜ୍ୟ ମଧ୍ୟରେ ବୟନ ଶିଳ୍ପରେ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ସ୍ଥିର କରିବା ପାଇଁ ପଦକ୍ଷେପ ନେଇଥିଲେ । ପୂର୍ବରୁ କୁହାଯାଇଥିବା ପରି, 17 ଜାନୁଆରୀ, 1952  ରେ ଏକ କମିଟି ଗଠନ କରାଯାଇଥିଲା, ଯାହା 4 ଅକ୍ଟୋବରରେ ତାର ଲିଖିତ ବିବରଣୀ ଦାଖଲ କରିଥିଲା, ଏବଂ ତା'ପରେ  7 ଅକ୍ଟୋବର, 1952 ରେ ସର୍ବନିମ୍ନ ମଜୁରୀ ହାର ସ୍ଥିର କରି ଅଧିସୂଚନା ଜାରି କରାଯାଇଥିଲା, ଯାହା ବିରୁଦ୍ଧରେ ଆବେଦନକାରୀ କମ୍ପାନୀ ସମେତ ଅନେକ ବୟନଶିଳ୍ପ କମ୍ପାନୀ ଦ୍ୱାରା ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ଏହି ସମୟ ମଧ୍ୟରେ କମ୍ପାନୀର ଶ୍ରମିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନ ଅପିଲୀୟ ନ୍ୟାୟାଧିକରଣଙ୍କ ସମ୍ମୁଖରେ ସାଧାରଣ ଭାବରେ ଢଙ୍ଗରେ  ଚାଲିଥିଲା । ଅପିଲୀୟ ନ୍ୟାୟାଧିକରଣ ମାମଲାଟିକୁ ଅଧିକ ତଦନ୍ତ ପାଇଁ ଶିଳ୍ପ ନ୍ୟାୟାଧିକରଣଙ୍କ ନିକଟକୁ ପଠାଇ ଦେଇଥିଲେ ଯିଏ 8 ସେପ୍ଟେମ୍ବର, 1953 ରେ ନିଜର

ଚୂଡ଼ାନ୍ତ ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ, ଯାହା ଦ୍ଵାରା ଯେଉଁ ଆଧାରରେ ମୁଖ୍ୟ ଆୟୁକ୍ତଙ୍କ ଦ୍ଵାରା ସର୍ବନିମ୍ନ 56 ଟଙ୍କା ମଜୁରୀ ସ୍ଥିର କରାଯାଇଥିଲା, ତାହାକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ମହଙ୍ଗା ଭତ୍ତା ସହିତ ସର୍ବନିମ୍ନ ମଜୁରୀରେ କେବଳ 35 ଟଙ୍କା ବୋଲି ସ୍ଥିର କରିଥିଲେ । କମ୍ପାନୀ ତାର ଆବେଦନରେ ଉଲ୍ଲେଖ କରିଛି ଯେ ଆଜମେର ରାଜ୍ୟ ସରକାରଙ୍କ ଦ୍ଵାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ସମ୍ପୂର୍ଣ୍ଣ ଭାବରେ ନିଷେଧାତ୍ମକ ଅଟେ ଏବଂ ଏପରି ମଜୁରୀ ଦେଇ କମ୍ପାନୀ ପାଇଁ ଏହାର ବ୍ୟବସାୟ ଜାରି ରଖିବା ଆଦୌ ସମ୍ଭବ ନୁହେଁ । ସେହି ଅନୁଯାୟୀ କମ୍ପାନୀ 1 ଏପ୍ରିଲ, 1953 ରେ ଏବଂ ସେହିଠାରୁ ଏହାର କଳ ବନ୍ଦ କରିଦେଲା । କମ୍ପାନୀର କାରଖାନାରେ ପ୍ରାୟ 1500 ଶ୍ରମିକ କାମ କରୁଥିଲେ ଏବଂ ଜାନୁଆରୀ 1954 ଠାରୁ ସେମାନଙ୍କ ମଧ୍ଯରୁ ଶହ ଶହ ଶ୍ରମିକ ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟକୁ ଯାଇ କାରଖାନା ଖୋଲିବା ପାଇଁ ଅନୁରୋଧ କରିଥିଲେ ଏବଂ ଶିଳ୍ପ ନ୍ୟାୟାଧିକରଣଙ୍କ ଦ୍ଵାରା ସ୍ଥିର କରାଯାଇଥିବା ମଜୁରୀ ହିସାବରେ 35 ଟଙ୍କାରେ କାମ କରିବାକୁ ରାଜି ହୋଇଥିଲେ । ଯଦିଓ ଅଧିକାଂଶ ଶ୍ରମିକ ଶିଳ୍ପ ନ୍ୟାୟାଧିକରଣ ଦ୍ଵାରା ନିର୍ଦ୍ଧାରିତ ମଜୁରୀରେ କାମ କରିବାକୁ ରାଜି ହୋଇଥିଲେ, ତଥାପି କମ୍ପାନୀ କଳକୁ ଖୋଲିପାରିନାହିଁ କାରଣ ଅଧିନିୟମ ଅନୁଯାୟୀ ନିର୍ଦ୍ଧାରିତ ମଜୁରୀ ସର୍ବନିମ୍ନ ମଜୁରୀ ଅଧିନିୟମ ଅନୁସାରେ ନଦେବା ଏକ ଫୌଜଦାରୀ ଅପରାଧ ଅଟେ ବୋଲି ବିବେଚନା କରେ । ଏହି ସ୍ଥିତିରେ ସର୍ବନିମ୍ନ ମଜୁରୀ ଅଧିନିୟମ, କମ୍ପାନୀକୁ ନିଜର ବ୍ୟବସାୟ ଚଳାଇବାରେ ବାଧା ସୃଷ୍ଟି କରୁଥିବାରୁ କମ୍ପାନୀ ଓ ଏହାର କର୍ମଚାରୀମାନଙ୍କ ମଧ୍ଯରେ ହୋଇଥିବା ଚୁକ୍ତି ଅନୁଯାୟୀ ସର୍ବନିମ୍ନ ମଜୁରୀ ଅଧିନିୟମର ସାମଗ୍ରୀକ ବ୍ୟବସ୍ଥାର ସାମ୍ବିଧାନିକ ବୈଧତାକୁ ଆପତ୍ତି କରି କମ୍ପାନୀ ପକ୍ଷରୁ 1954ର ଆବେଦନ ସଂଖ୍ୟା 188 ଦାୟର କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ଵାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀଠାରୁ କମ୍ ଦରମା ପାଇ କାମ କରିବାକୁ ଇଚ୍ଛୁକ ଶ୍ରମିକମାନେ କମ୍ପାନୀର ସମସ୍ତ ଅଭିଯୋଗକୁ ସମର୍ଥନ କରି ଅନ୍ୟ ଏକ ଆବେଦନ ଦାଖଲ କରିଛନ୍ତି । ଏହି ଉଭୟ ଆବେଦନର ସମର୍ଥନରେ ଉପସ୍ଥିତ ଶ୍ରୀଯୁକ୍ତ ସେରଭାଇ ଆମର ଦୃଷ୍ଟି ଆକର୍ଷଣ କରି ଦର୍ଶାଇଛନ୍ତି ଯେ ସର୍ବନିମ୍ନ ମଜୁରୀ ଅଧିନିୟମର ଗୁରୁତ୍ଵପୂର୍ଣ୍ଣ ବ୍ୟବସ୍ଥାଗୁଡ଼ିକ ବେଆଇନ ଏବଂ କ୍ଷମତାତୀତ ଯେହେତୁ ଏହା ସମ୍ବିଧାନର ଅନୁଚ୍ଛେଦ 19 (1) (g) ଅନୁଯାୟୀ ନିଯୁକ୍ତିଦାତା ଏବଂ ନିଯୁକ୍ତିପ୍ରାପ୍ତ ବ୍ୟକ୍ତିଙ୍କ ମୌଳିକ ଅଧିକାର ସହିତ ଅସଙ୍ଗତ ଏବଂ ସେଗୁଡ଼ିକ ସେହି ଅନୁଚ୍ଛେଦର ଖଣ୍ଡ (6) ଦ୍ଵାରା ସୁରକ୍ଷିତ ନୁହେଁ ।

ବିଜ୍ଞ ଓକିଲଙ୍କ ଦ୍ଵାରା ଏହା ଯୁକ୍ତି କରାଯାଇଛି ଯେ ସର୍ବନିମ୍ନ ମଜୁରୀ ଅଧିନିୟମ ନିଯୁକ୍ତିଦାତାଙ୍କ ଅଧିକାର ଉପରେ ଅଯୌକ୍ତିକ ପ୍ରତିବନ୍ଧକ ଲଗାଏ ଏହି ଅର୍ଥରେ ଯେ ସେ ସର୍ବନିମ୍ନ ମଜୁରୀ ଦେବାକୁ ପ୍ରସ୍ତୁତ ନଥିଲେ ତାଙ୍କୁ ବାଣିଜ୍ୟ କିମ୍ବା ବ୍ୟବସାୟ କରିବାରୁ ବାରଣ କରାଯାଏ ।

କର୍ମଚାରୀଙ୍କ ଅଧିକାର ମଧ୍ୟ ପ୍ରତିବନ୍ଧିତ, ଯେହେତୁ ସେମାନେ ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କ ମଧ୍ୟରେ ସହମତି ହୋଇଥିବା ସର୍ତ୍ତାବଳୀ ଅନୁଯାୟୀ କୌଣସି ବାଣିଜ୍ୟ କିମ୍ବା ଶିଳ୍ପରେ କାମ କରିବାରୁ ଅକ୍ଷମ । ଏହା ଦର୍ଶାଯାଇଛି ଯେ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ସମ୍ବନ୍ଧୀୟ ପ୍ରାବଧାନ ଅଯୌକ୍ତିକ ଏବଂ ସ୍ୱେଚ୍ଛାଚାରୀ । ସମଗ୍ର ବିଷୟକୁ "ଉପଯୁକ୍ତ ସରକାର" ଙ୍କ ଅବାଧ ବିଚାର ଉପରେ ଛାଡ଼ି ଦିଆଯାଇଛି ଏବଂ ଯେତେବେଳେ ଏକ କମିଟି ନିଯୁକ୍ତ ହୁଏ, ସେତେବେଳେ ମଧ୍ୟ ଏପରି କମିଟିର ଲିଖିତ ବିବରଣୀ କିମ୍ବା ପରାମର୍ଶ ସରକାରଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ । କମିଟିର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ କୌଣସି ବିଚାରାଳୟରେ ପୁନର୍ବାର ସମୀକ୍ଷା କିମ୍ବା ଆପତ୍ତି କରିବା ପାଇଁ ଏହା ଉନ୍ମୁକ୍ତ ନୁହେଁ । ବିଜ୍ଞ ଓକିଲ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଅଧିନିୟମ ଦ୍ୱାରା ଲଗାଯାଇଥିବା ପ୍ରତିବନ୍ଧକଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ନିଯୁକ୍ତିଦାତାଙ୍କ ପାଇଁ ସମ୍ପୂର୍ଣ୍ଣ ଅଯୌକ୍ତିକ ଏବଂ ଏପରିକି ଅତ୍ୟାଚାରମୂଳକ ଅଟେ, ଯେଉଁମାନେ କେବଳ ଅର୍ଥନୈତିକ କାରଣରୁ ସର୍ବନିମ୍ନ ମଜୁରୀ ଦେବାକୁ ସକ୍ଷମ ନୁହଁନ୍ତି କିନ୍ତୁ ଯାହାଙ୍କର ଶ୍ରମିକଙ୍କୁ ଶୋଷଣ କରିବାର କୌଣସି ଉଦ୍ଦେଶ୍ୟ ନାହିଁ । ଏପରି କ୍ଷେତ୍ରରେ ଅଧିନିୟମର ବ୍ୟବସ୍ଥାଗୁଡ଼ିକର ଉଦ୍ଦେଶ୍ୟ ସହିତ କୌଣସି ଯଥାର୍ଥ ସମ୍ପର୍କ ନାହିଁ ଯାହା ଏହାର ଦୃଷ୍ଟିକୋଣରେ ରହିଛି । ଆମେ ଏହି ଯୁକ୍ତିଗୁଡ଼ିକୁ ସେଗୁଡ଼ିକର ଉପଯୁକ୍ତ କ୍ରମରେ ଅନୁଧ୍ୟାନ କରିବୁ ।

ଏହା କ୍ୱଚିତ୍ ବିବାଦ କରାଯାଇପାରିବ ଯେ କେବଳ ଶାରୀରିକ ଜୀବନଯାପନ ନୁହେଁ ବରଂ ସ୍ୱାସ୍ଥ୍ୟ ଏବଂ ଶାଳୀନତା ବଜାୟ ରଖିବା ପାଇଁ ମଧ୍ୟ ଶ୍ରମିକମାନଙ୍କୁ ଜୀବିକା ନିର୍ବାହ ମଜୁରୀ ପ୍ରଦାନ କରିବା ମଧ୍ୟ ଜନସାଧାରଣଙ୍କ ସାଧାରଣ ସ୍ୱାର୍ଥ ପ୍ରତି ଅନୁକୂଳ । ଏହା ଆମ ସମ୍ବିଧାନର ଅନୁଚ୍ଛେଦ 43ରେ ସନ୍ନିବେଶିତ ରାଷ୍ଟ୍ରୀୟ ନିର୍ଦ୍ଦେଶାତ୍ମକ ନୀତିଗୁଡ଼ିକ ମଧ୍ୟରୁ ଗୋଟିଏ । ଏହା ସର୍ବଜନବିଦିତ ଯେ 1928 ମସିହାରେ ଜେନେଭାରେ ଏକ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣକାରୀ କାର୍ଯ୍ୟପ୍ରଣାଳୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସେହି ସମ୍ମିଳନୀରେ ଗୃହୀତ ପ୍ରସ୍ତାବଗୁଡ଼ିକ ଅନ୍ତର୍ଜାତୀୟ ଶ୍ରମ ସଂହିତାରେ ଅନ୍ତର୍ଭୁକ୍ତ ହୋଇଥିଲା । ଏହି ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସର୍ବନିମ୍ନ ମଜୁରୀ ଅଧିନିୟମ ଗୃହୀତ ହୋଇଥିବା କୁହାଯାଏ (*ଏସ୍. ଆଇ. ଇଷ୍ଟ, ଇତ୍ୟାଦି ବନାମ ମାଡ୍ରାସ ରାଜ୍ୟ*) ([1]) । ଯଦି ଶ୍ରମିକଙ୍କୁ ସର୍ବନିମ୍ନ ମଜୁରୀ ଉପଭୋଗ କରିବାର ସୁରକ୍ଷା ପ୍ରଦାନ କରାଯିବ ଏବଂ ସେମାନଙ୍କୁ ସେମାନଙ୍କ ନିଯୁକ୍ତିଦାତାଙ୍କ ଦ୍ୱାରା ହେଉଥିବା ଶୋଷଣରୁ ସୁରକ୍ଷା କରିବାକୁ ହେବ, ତେବେ ସେମାନଙ୍କ ଚୁକ୍ତି ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଲଗାଯିବା ସମ୍ପୂର୍ଣ୍ଣ ଆବଶ୍ୟକ ଏବଂ ଏପରି ପ୍ରତିବନ୍ଧକକୁ କୌଣସି ଅର୍ଥରେ ଅଯୌକ୍ତିକ କୁହାଯାଇପାରିବ ନାହିଁ । ଅନ୍ୟ ପକ୍ଷରେ ଶ୍ରମିକମାନେ ନିଜର ଦାରିଦ୍ର୍ୟ ଓ ଅସହାୟତା କାରଣରୁ କମ୍ ମଜୁରୀରେ କାମ କରିବାକୁ ଇଚ୍ଛୁକ ହେଉଥିଲେ ମଧ୍ୟ ଯଦି ସେମାନେ ସେମାନଙ୍କର ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ଦେବାକୁ ବାଧ୍ୟ ହୁଅନ୍ତି, ତେବେ ନିଯୁକ୍ତିଦାତାମାନେ ଅଭିଯୋଗ କଲେ ଶୁଣାଯିବ ନାହିଁ ।

---

([1]) (1954 ) M.L.J. 518,521.

1954
ବିଜୟ ତୁଳା କଳ
ଲିମିଟେଡ଼
ବନାମ
ଆଜମେର୍ ରାଜ୍ୟ
ନ୍ୟାୟାଧୀଶ ମୁଖାର୍ଜୀଆ

ଶ୍ରୀଯୁକ୍ତ ସିରଭାଇଙ୍କ ଏହି ଯୁକ୍ତି ଯେ ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ନିଯୁକ୍ତିଦାତାଙ୍କୁ କଠୋର ଏବଂ ଏପରିକି ଅତ୍ୟାଚାରୀ ଭାବରେ ପ୍ରଭାବିତ କରିବାକୁ ବାଧ କରିବ, ଯେଉଁମାନେ ସମ୍ପୂର୍ଣ୍ଣ ଆର୍ଥିକ କାରଣରୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ପ୍ରଦାନ କରିବାରେ ଅସମର୍ଥ କିନ୍ତୁ ସେଥିରେ ସେମାନଙ୍କର ଶ୍ରମିକମାନଙ୍କୁ ଶୋଷଣ କରିବାର କୌଣସି ଅସାଧୁ ଉଦ୍ଦେଶ୍ୟ ନାହିଁ, ଏହାକୁ ଆମେ ବାସ୍ତବରେ ଯଥାର୍ଥ ବୋଲି ବିବେଚନା କରିପାରିଲୁ ନାହିଁ । ଯଦି ଏହା ସାଧାରଣ ଜନତାଙ୍କ ସ୍ୱାର୍ଥରେ ଯେ ଶ୍ରମିକମାନଙ୍କୁ ପର୍ଯ୍ୟାପ୍ତ ଜୀବନଯାପନ ମଜୁରୀ ଯୋଗାଇବା ଉଚିତ, ତେବେ ନିଯୁକ୍ତିଦାତାମାନଙ୍କର ଉଦ୍ଦେଶ୍ୟ ଭଲ କିମ୍ବା ଖରାପ ତାହା ପ୍ରକୃତରେ ଅପ୍ରାସଙ୍ଗିକ ଅଟେ । ଏହି ଅଧିନିୟମ ଅନୁଯାୟୀ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ଆଧାରରେ ବ୍ୟକ୍ତିଗତ ନିଯୁକ୍ତିଦାତାମାନେ ବ୍ୟବସାୟ ଚଳାଇବା କଷ୍ଟକର ହୋଇପାରେ କିନ୍ତୁ ଏହା ସମ୍ପୂର୍ଣ୍ଣ ଭାବରେ ଏହି ନିର୍ଦ୍ଦିଷ୍ଟ ନିଯୁକ୍ତିଦାତାଙ୍କ ଆର୍ଥିକ ଅବସ୍ଥା ଅନୁଯାୟୀ ହେବା ଆବଶ୍ୟକ । ଆଇନକୁ ଅଯୌକ୍ତିକ ବୋଲି କହି ଏହାକୁ ପ୍ରତ୍ୟାହାର କରିବା ପାଇଁ ଏହା ଏକ କାରଣ ହୋଇପାରିବ ନାହିଁ ।

ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ବନ୍ଧରେ, "ଉପଯୁକ୍ତ ସରକାର"ଙ୍କୁ ନିଃସନ୍ଦେହରେ ବହୁତ ବଡ଼ କ୍ଷମତା ଦିଆଯାଇଛି । କିନ୍ତୁ ମଜୁରୀ ନିର୍ଦ୍ଧାରଣ କରିବା ପୂର୍ବରୁ ଯଦି ଜଣେ ନିଯୁକ୍ତ ହୁଅନ୍ତି ତେବେ କମିଟିର ପରାମର୍ଶ ନେବା ଦରକାର, କିମ୍ବା ତାଙ୍କ ପ୍ରସ୍ତାବ ଉପରେ ଯେଉଁ ବ୍ୟକ୍ତିମାନେ ପ୍ରଭାବିତ ହେବେ ସେମାନଙ୍କ ଦ୍ୱାରା ଦିଆଯାଇଥିବା ମତାମତକୁ ବିଚାରକୁ ନେବାକୁ ପଡିବ । ସର୍ବନିମ୍ନ ମଜୁରୀ ସଂଶୋଧନର ସମସ୍ତ ସମୟରେ ପରାମର୍ଶଦାତା ସଂସ୍ଥା ସହିତ ପରାମର୍ଶକୁ ବାଧ୍ୟତାମୂଳକ କରାଯାଇଛି, ଏବଂ ଅଧିନିୟମର ଧାରା ୫ ରେ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ଏବଂ ସଂଶୋଧନ ପ୍ରସଙ୍ଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବା ଉଦ୍ଦେଶ୍ୟରେ ଏକ କେନ୍ଦ୍ରୀୟ ପରାମର୍ଶଦାତାମଣ୍ଡଳୀ ନିଯୁକ୍ତି ପାଇଁ ବ୍ୟବସ୍ଥା ରହିଛି । ଏହି କେନ୍ଦ୍ରୀୟ ପରାମର୍ଶଦାତା ମଣ୍ଡଳୀ ବିଭିନ୍ନ ପରାମର୍ଶଦାତା ସଂସ୍ଥାର କାର୍ଯ୍ୟର ସମନ୍ୱୟ ପାଇଁ ଏକ ସମନ୍ୱୟ ପ୍ରତିନିଧି ଭାବରେ ମଧ୍ୟ କାର୍ଯ୍ୟ କରିବ । କମିଟି କିମ୍ବା ପରାମର୍ଶଦାତା ସଂସ୍ଥାଗୁଡ଼ିକରେ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ସମାନ ସଂଖ୍ୟକ ପ୍ରତିନିଧି ଅଛନ୍ତି ଏବଂ ସେମାନଙ୍କ ବ୍ୟତୀତ କେତେକ ସ୍ୱାଧୀନ ସଦସ୍ୟ ଅଛନ୍ତି ଯେଉଁମାନେ ଏହି ପ୍ରସଙ୍ଗରେ ଏକ ନ୍ୟାୟପୂର୍ଣ୍ଣ ଏବଂ ନିରପେକ୍ଷ ଦୃଷ୍ଟିକୋଣ ଗ୍ରହଣ କରିବେ ବୋଲି ଆଶା କରାଯାଏ । ଆମ ମତରେ ଏହି ବ୍ୟବସ୍ଥାଗୁଡ଼ିକ "ଉପଯୁକ୍ତ ସରକାର"ଙ୍କ ଦ୍ୱାରା ଯେକୌଣସି ତରବରିଆ କିମ୍ବା ଚପଳ ନିଷ୍ପତ୍ତି ବିରୁଦ୍ଧରେ ଏକ ପର୍ଯ୍ୟାପ୍ତ ସୁରକ୍ଷା ଗଠନ କରେ । ଉପଯୁକ୍ତ କ୍ଷେତ୍ରରେ "ଉପଯୁକ୍ତ ସରକାରଙ୍କୁ" ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତାରୁ ରିହାତି ପ୍ରଦାନ କରିବାର କ୍ଷମତା ମଧ୍ୟ ଦିଆଯାଇଛି । ନିଃସନ୍ଦେହରେ "ଉପଯୁକ୍ତ ସରକାର" ଙ୍କ ନିଷ୍ପତ୍ତି ର

1954
ବିଜୟ ତୁଳା କଳ ଲିମିଟେଡ଼ ବନାମ ଆଜମେର୍ ରାଜ୍ୟ
ନ୍ୟାୟାଧୀଶ ମୁଖାର୍ଜୀଆ

ଅଧିକ ସମୀକ୍ଷା ପାଇଁ  କୌଣସି ପ୍ରାବଧାନ ନାହିଁ, କିନ୍ତୁ ଆମେ ଭାବୁନାହୁଁ ଯେ ଏହି ଅଧିନିୟମର ପ୍ରାବଧାନ ଗୁଡ଼ିକ ଅଯୌକ୍ତିକ ହେବ । ଆମ ମତରେ, ଯଦିଓ ଏହି ପ୍ରତିବନ୍ଧକଗୁଡ଼ିକ ସମ୍ବିଧାନର ଅନୁଚ୍ଛେଦ 19 (1) (g) ଅନୁଯାୟୀ ସୁନିଶ୍ଚିତ ବାଣିଜ୍ୟ କିମ୍ବା ବ୍ୟବସାୟର ସ୍ୱାଧୀନତାରେ କିଛି ପରିମାଣରେ ହସ୍ତକ୍ଷେପ କରନ୍ତି, ତାହା ଯୁକ୍ତିସଙ୍ଗତ ଏବଂ ସାଧାରଣ ଜନତାଙ୍କ ସ୍ୱାର୍ଥରେ ଲାଗୁ କରାଯାଉଥିବାରୁ ତାହା ଅନୁଚ୍ଛେଦ 19 ର ଖଣ୍ଡ (6) ର ସର୍ତ୍ତାବଳୀ ଦ୍ୱାରା ସୁରକ୍ଷିତ । ଫଳସ୍ୱରୂପ ଆବେଦନଗୁଡ଼ିକୁ ଖାରଜ କରାଯାଇଛି । ଆମେ ଖର୍ଚ୍ଚ ସମ୍ପର୍କରେ କୌଣସି ଆଦେଶ କରୁନାହୁଁ ।

*ଆବେଦନଗୁଡ଼ିକୁ ଖାରଜ କରାଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।